# ଦୁର୍ନୀତି ଓ ଜନ ଜାଗରଣ

**ଗୋପାଳ ଚନ୍ଦ୍ର ନନ୍ଦ**
ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ

ଦୁର୍ନୀତି ଦେଶକୁ ଗ୍ରାସ କରିଛି । ଗଣତନ୍ତ୍ର ଦିନକୁ ଦିନ ଦୁର୍ବଳ ହୋଇ ଚାଲିଛି । ନେତାଙ୍କ ଉପରେ ଜନତାଙ୍କ ଆସ୍ଥା କମି ଯାଉଛି । ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ ଓ ପଣ୍ଡିତ ନେହେରୁଙ୍କ ଭଳି ରାଷ୍ଟ୍ରନାୟକ ଆଉ ନାହାନ୍ତି । ସତେ ଯେପରି ରାଷ୍ଟ୍ର ଅଭିବାବକ ଶୂନ୍ୟ ହୋଇ ଯାଇଛି । ସ୍ୱାଧିନତାର ଷଷ୍ଠଦଶନ୍ଧି ପରେବି ଗରିବି ହଟିଲାନି । ନିରକ୍ଷରତା ଗଲାନି । ରୋଜଗାର, ଖାଦ୍ୟ ଓ ବାସଗୃହ ସମସ୍ୟା ଉତ୍କଟ ହେବାରେ ଲାଗିଛି । ପ୍ରଗତିର ବଡ଼ ପ୍ରତିବନ୍ଧକ ହେଲା ଦୁର୍ନୀତି । ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା କୋଟି କୋଟି ଟଙ୍କା ବାଟ ମାରଣା ହେଉଛି । ଦେଶର ଶତକଡ଼ା ୧୫ ରୁ ୨୦ ଭାଗ ଲୋକ ପ୍ରାୟ ୮୦ ଭାଗ ସମ୍ପତ୍ତିର ମାଲିକ । କେବଳ ଅର୍ଥରେ ସନ୍ତୁଷ୍ଟ ନ ହୋଇ କ୍ଷମତା ଉପରେ ସେମାନଙ୍କ ଲୋଲୁପ ଦୃଷ୍ଟି ସବୁବେଳେ ରହିଛି । କହିବାକୁ ଗଲେ କ୍ଷମତା ହାସଲରେ ସେମାନେ ଅନେକାଂଶରେ ସଫଳ ହୋଇଛନ୍ତି । ଅପରାଧ ଓ ଦୁର୍ନୀତିର ପୃଷ୍ଠଭୂମି ଥାଇ ବହୁ ବ୍ୟକ୍ତି ରାଜନୈତିକ ଦଳମାନଙ୍କରେ ଆସ୍ଥାନ ଜମାଇ ସାରିଲେଣି । ମୂଲ୍ୟବୋଧର ଅବକ୍ଷୟ ଓ ସ୍ୱାର୍ଥପରତା ରାଷ୍ଟ୍ରର ବିଭିନ୍ନ ଅଂଶକୁ ଦୁର୍ବଳ କରି ଦେଇଛି । ଏକ ଘଡ଼ିସନ୍ଧି ପରିସ୍ଥିତିରେ ଦେଶ ଗତି କରୁଛି ବୋଲି କହିଲେ ଚଳେ । ଆନ୍ନା ହଜାରେଙ୍କ ଅନଶନ ଥିଲା ଏକ ଐତିହାସିକ ଆବଶ୍ୟକତା । ଗାନ୍ଧୀ ଓ ଜୟପ୍ରକାଶ ନାରାୟଣ ଦେଶର ଗୋଟିଏ ଗୋଟିଏ ଜଟିଳ ପରିସ୍ଥିତିରେ ଆବିର୍ଭାବ ହୋଇ ଦେଶବାସୀଙ୍କୁ ନେତୃତ୍ୱ ଓ ଦିଗ୍‌ଦର୍ଶନ ଦେଇଥିଲେ । ଆଜି ଦେଶରେ ସେପରି ନେତୃତ୍ୱର ଆବଶ୍ୟକତା ରହିଛି । ଆନ୍ନା ହଜାରେ ତାଙ୍କର ଦେଶସେବା ଓ ତ୍ୟାଗ ପାଇଁ ସାରା ଦେଶରେ ଲୋକପ୍ରିୟ । କ୍ଷମତା ପଛରେ ଗୋଡ଼ାଇ ନାହାନ୍ତି ସେ । ଦୁର୍ନୀତି ବିରୁଦ୍ଧରେ ଲୋକମାନଙ୍କର ପୁଞ୍ଜିଭୁତ କ୍ରୋଧ ରହିଛି । ସେହି କ୍ରୋଧକୁ ଏକ ସକାରାତ୍ମକ ଲକ୍ଷ୍ୟ

ସାଧନରେ ନିୟୋଜିତ କରି ପାରିଲେ ଭାରତୀୟ ଗଣତନ୍ତ୍ରକୁ ବଞ୍ଚାଇ ହେବ । ଗଣତନ୍ତ୍ର ବଞ୍ଚିଲେ ଦେଶ ବଞ୍ଚିବ । ଭାରତବର୍ଷରେ ଗଣତନ୍ତ୍ରର ବିକଳ୍ପ ନାହିଁ । ଭାରତୀୟମାନଙ୍କୁ ଏକାଠି ରଖିବାକୁ ହେଲେ ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ ।

ପରିତାପର ବିଷୟ - ବିଶ୍ୱର ସର୍ବବୃହତ ଗଣତନ୍ତ୍ରରେ ଦୁର୍ନୀତିର କାଳିମା ଲାଗିଛି । ସବୁ ଦେଶରେ ଦୁର୍ନୀତି ଅଳ୍ପବହୁତ ରହିଛି । କିନ୍ତୁ ଭାରତରେ ଦୁର୍ନୀତି ସୀମା ଟପି ଯାଇଛି । ହର୍ଷଦ ମେହଟ୍ଟା ସ୍କାମ ଓ ଟେଲ୍‌ଗୀ ସ୍କାମରେ ହଜାର ହଜାର କୋଟି ଟଙ୍କା ରାଷ୍ଟ୍ର ହରାଇଲା । ନିକଟରେ ଘଟିଥିବା ୨ଜି ସ୍କାମରେ ଏକ ଲକ୍ଷ ଛଅସ୍ତରୀ ହଜାର କୋଟି ଟଙ୍କା ଦେଶର କ୍ଷତି ହେଲା । ସେହି ଅର୍ଥ ପାଇଲେ କିଛି ରାଜନେତା, ଶିଳ୍ପପତି, ଦଲାଲ ଓ ସରକାରୀ ଅଧିକାରୀ । ସଚିବ ସ୍ତରର ଅଧିକାରୀ ମଧ୍ୟ ସେଥିରୁ ବାଦ୍ ପଡ଼ିଲେନି । କୁହାଯାଇଛି - ଲକ୍ଷ ଲକ୍ଷ କୋଟି ଟଙ୍କା ଭାରତ ବାହାରକୁ ଚାଲି ଯାଇଛି ସ୍ୱାଧିନତା ପରଠାରୁ । ଅର୍ଦ୍ଧାଧିକ ୧୯୯୦ ପରବର୍ତ୍ତୀ ସମୟରେ । ବିଦେଶରେ ବିଭିନ୍ନ ବ୍ୟାଙ୍କରେ ସେହି କଳାଧନ ଗଚ୍ଛିତ ଅଛି । ଉଦ୍ଧାର ପାଇଁ ନିଷ୍ଠାର ଅଭାବ । ଦେଶର ପ୍ରଭାବଶାଳୀ ବ୍ୟକ୍ତିଙ୍କର ସେ ଧନ । ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ? ପ୍ରକାଶ ପାଇଛି - କେବଳ ସ୍ୱିସ୍ ବ୍ୟାଙ୍କରେ ଥିବା ଶତକଡ଼ା ୪୦ ଭାଗ ଅର୍ଥ ଫେରି ଆସିଲେ ଆମର ସମସ୍ତ ଋଣ ସୁଝି ହେବ । ସବୁ ଅର୍ଥ ମିଳିଗଲେ - ଆସନ୍ତା ୩୦ ବର୍ଷ ପାଇଁ ନୂଆ ଟିକସର ଆବଶ୍ୟକତା ପଡ଼ିବନି । ଦେଶର ଆବଶ୍ୟକୀୟ ଭିତ୍ତିଭୂମି ସମ୍ପୂର୍ଣ୍ଣ କରିହେବ । ରାଜନୈତିକ ଦଳଗୁଡ଼ିକର ବକ୍ତବ୍ୟ, ସମାଲୋଚନା ଓ ନିନ୍ଦା କେବଳ ଛଳନା ମାତ୍ର । ବର୍ତ୍ତମାନ ପ୍ରଶ୍ନ ଉଠେ - ଏ ସମସ୍ୟାର ସମାଧାନ କିପରି ହେବ ? ଆମ୍ଭମାନଙ୍କ ପିଢ଼ି ଦେଶ ପାଇଁ ପ୍ରାୟ କିଛି କରିନାହାନ୍ତି କହିଲେ ଚଳେ । ରାଷ୍ଟ୍ର ଓ ଗଣତନ୍ତ୍ରଙ୍କୁ ଦୁର୍ବଳ କରିବାରେ ମୁଖ୍ୟତଃ ଆମ୍ଭେମାନେ ଦାୟୀ । ସ୍ୱାଧିନତାକୁ ଉପଭୋଗ କଲୁ । ସ୍ୱାଧିନତାର ଦୁରୁପଯୋଗ ବହୁଳଭାବେ ହେଲା । ଦୁର୍ନୀତି ଭଳି ଦେଶଦ୍ରୋହ

କାର୍ଯ୍ୟରେ ଅନେକ ଲିପ୍ତ ହେଲେ । ଭବିଷ୍ୟତ ପିଢ଼ି ପାଇଁ ଆମ୍ଭମାନଙ୍କର କ'ଣ କିଛି କରିବାର ନାହିଁ ? ସେମାନେ ବଞ୍ଚିବେ । ଭାରତୀୟଭାବେ ଗର୍ବ ଅନୁଭବ କରିବେ । ଏହା ସମ୍ଭବ ହେବ - ଗଣତନ୍ତ୍ର ବଞ୍ଚିଲେ । ଗଣତନ୍ତ୍ର ବଞ୍ଚିବ ଯଦି ଦୁର୍ନୀତିକୁ ନିୟନ୍ତ୍ରଣ କରାଯାଏ । ମାଓବାଦୀ ହେଲେ ଦେଶ ବଞ୍ଚିବନି । ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ ସେମାନଙ୍କ ହାତରେ ଭାରତର ଭବିଷ୍ୟତ କେବେ ସୁରକ୍ଷିତ ହୋଇନପାରେ । ଭାରତ, ନେପାଳ ବା ବଙ୍ଗଳାଦେଶ ନୁହେଁ । ଏହା ଏକ ବିରାଟ ରାଷ୍ଟ୍ର - ବହୁ ଭାଷା ଓ ସଂସ୍କୃତିର ଦେଶ । ଭାରତର ଏକତା ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ ।

ଦେଶର ଆଇନ ଅନୁସାରେ ଦୁର୍ନୀତି ଏକ ଅପରାଧ । ସବୁ ରାଜ୍ୟରେ ଦୁର୍ନୀତି ନିବାରଣ ସଂସ୍ଥା କାର୍ଯ୍ୟ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଅଧିନରେ ସି.ବି.ଆଇ. କାର୍ଯ୍ୟ କରୁଛି । ବର୍ତ୍ତମାନ ଦେଶରେ ଦୁର୍ନୀତି ଜନିତ ଅପରାଧ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦୁର୍ନୀତି ନିବାରଣ ଆଇନ, ୧୯୮୮ ବଳବତ୍ତର ରହିଛି । ସାରା ଦେଶରେ ଯେଉଁ କାର୍ଯ୍ୟନୁଷ୍ଠାନ ନିଆଯାଉଛି - ତାହା କ'ଣ ଯଥେଷ୍ଟ ? ସମୁଦ୍ରକୁ ସଙ୍ଖେ ପରି । ଏହା ସତ୍ୟ ଯେ କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦୁର୍ନୀତି ନିବାରଣ ବା ନିୟନ୍ତ୍ରଣ ସମ୍ଭବ ନୁହେଁ । କିନ୍ତୁ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡ ବ୍ୟବସ୍ଥା ରହିବା ଦରକାର । ଯେଉଁମାନେ ପ୍ରଥମରୁ ନିଷ୍ପତ୍ତି ନେଇଛନ୍ତି ପରିଣାମ ଯାହା ହେଉନା କାହିଁକି ଯେ କୌଣସି ଉପାୟରେ ସମ୍ପତ୍ତି ଠୁଳ କରିବେ ସେମାନଙ୍କ ଉପରେ ଆଇନ ଓ ଦଣ୍ଡ ବ୍ୟବସ୍ଥାର ପ୍ରଭାବ କ୍ଷୀଣ । ଯେଉଁମାନଙ୍କର ସଂସ୍କାର ଓ ମୂଲ୍ୟବୋଧ ରହିଛି - ସେମାନଙ୍କ କଥା ଅଲଗା । ସେମାନେ ଆଇନକୁ ଡ଼ରିବାର କୌଣସି କାରଣ ନାହିଁ । ଏମାନଙ୍କ ବ୍ୟତୀତ ବହୁତ ଲୋକସେବକ ଅଛନ୍ତି, ଯେଉଁମାନେ ବାଡ଼ ଉପରେ ବସିଥାନ୍ତି । ଇଛା ଥାଏ ସମ୍ପତ୍ତି କରିବେ - ସୁବିଧା ଓ ସୁଯୋଗ ପାଇଲେ । କିନ୍ତୁ ଭୟ ଥାଏ - କାଳେ ଭିଜିଲାନ୍ସ ବା ସି.ବି.ଆଇ. ଜାଲରେ ପଡ଼ିଯିବେ । ସେମାନଙ୍କ ଉପରେ ଦଣ୍ଡ ବ୍ୟବସ୍ଥାର ପ୍ରଭାବ

ସବୁଠାରୁ ବେଶୀ । ଆଇନ ଠିକ୍ ବାଟରେ ଚାଲିଲେ ଦୁର୍ନୀତିର ମାତ୍ରା ନିଶ୍ଚିତ କମିବ । କିନ୍ତୁ ଦୁଃଖର ବିଷୟ, ଭାରତବର୍ଷର ଆଇନ ଅନୁସାରେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ଭିତ୍ତିଭୂମି ନାହିଁ । ରାଜ୍ୟମାନଙ୍କର ଦୁର୍ନୀତି ନିବାରଣ ବିଭାଗକୁ ପୂର୍ଣ୍ଣ ସ୍ୱାଧିନତା ଦିଆଯାଇନି । ବହୁତ କଟକଣା ଭିତରେ ସେମାନେ କାର୍ଯ୍ୟ କରନ୍ତି । ଉଚ୍ଚାଧିକାରୀ ଓ ରାଜନୈତିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ସରକାରଙ୍କ ଅନୁମତି ଦରକାର ହୁଏ । ତଦନ୍ତ ପରେ ମଧ୍ୟ ଆଇନ ଅନୁସାରେ ବିଚାର ପାଇଁ ନିଯୁକ୍ତକାରୀ କର୍ତ୍ତୃପକ୍ଷଙ୍କର ଅନୁମତି ଆବଶ୍ୟକ, ଏହି ଅନୁମତି ମିଳିବା ସହଜ ନୁହେଁ । ଏ ପ୍ରକାର ନିଷ୍ପତ୍ତି ସବୁବେଳେ ନିରପେକ୍ଷ ବା ଜନସ୍ୱାର୍ଥଭିତ୍ତିକ ନୁହେଁ । ଏହି କାରଣରୁ ବହୁ ପ୍ରଭାବଶାଳୀ ଅଭିଯୁକ୍ତ ଲୋକସେବକ ଦଣ୍ଡପାଆନ୍ତି ନାହିଁ । ପରୋକ୍ଷରେ ଏହା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ଦିଏ । ସି.ବି.ଆଇ. ଉପରେ କଟକଣା ବହୁତ ବେଶୀ । ବର୍ତ୍ତମାନ ଆଇନରେ ବ୍ୟବସ୍ଥା କରାଯାଇଛି ଯେ ଯୁଗ୍ମ ସଚିବ ସ୍ତର ଓ ଉପରିସ୍ଥ ଅଧିକାରୀଙ୍କ ବିରୁଦ୍ଧରେ ମୋକଦ୍ଦମା କରିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ପଡ଼ିବ । ଏହାର ଉଦ୍ଦେଶ୍ୟ କ'ଣ ? ଉପରସ୍ତରରେ ହେଉଥିବା ବଡ଼ ଦୁର୍ନୀତିକୁ ଘଷ୍ଟ ଘୋଡ଼ାଇବା । ୨ଜି. ସ୍କାମରୁ ସ୍ପଷ୍ଟ ପ୍ରମାଣ ମିଳେ ସଚିବ ଓ ମନ୍ତ୍ରୀଙ୍କ ମନ୍ତ୍ରଣା ଯୋଗୁଁ ଦେଶ ଏକ ଲକ୍ଷ ଛଅସ୍ତରୀ ହଜାର କୋଟି ଟଙ୍କା ହରାଇଲା । ସେଭଳି ବ୍ୟକ୍ତିମାନଙ୍କ ଠାରୁ ଅନୁମତି ଆଣିବା କେତେ ଦୂର ଗ୍ରହଣୀୟ - ଏହା ବିଚାର କରିବାର କଥା । ଆଇନର ଶାସନରେ ଏ ଦ୍ୱୈତ ବ୍ୟବସ୍ଥା କାହିଁକି ? ଏହା ସମ୍ବିଧାନର ୧୪ ଧାରାକୁ ଉଲଙ୍ଘନ କରୁନାହିଁକି ? ସି.ବି.ଆଇ. ଉପରେ ଉଭୟ ସରକାର ଓ ସି.ଭି.ସିଙ୍କର କର୍ତ୍ତୃତ୍ୱ ରହିଛି । ନିକଟରେ ସି.ଭି.ସି. ନିଯୁକ୍ତିରେ ଯାହା ଘଟିଲା ସେଥିରୁ ଏହା ସ୍ପଷ୍ଟ ଯେ ଉପଯୁକ୍ତ ବ୍ୟକ୍ତିଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ କରିବାକୁ ସରକାର ଚାହାନ୍ତିନି । ପ୍ରଚଳିତ ଦୁର୍ନୀତି ନିବାରଣ ଆଇନରେ ମଧ୍ୟ ବହୁତ ତ୍ରୁଟି ରହିଛି । ଜଣେ ଲୋକସେବକ ଚାହିଁଲେ - କ୍ଷମତାର ଅପବ୍ୟବହାର କରି ମନ ଇଚ୍ଛା ସମ୍ପତ୍ତି ଠୁଳ

କରିପାରିବେ । କାର୍ଯ୍ୟାନୁଷ୍ଠାନ ହେଲେ ବି ଜୀବଦଶାରେ ଜେଲ ଭୋଗିବାର ଆଶଙ୍କା ବହୁତ କମ୍ । ବର୍ଷ ବର୍ଷ ଧରି ହଜାର ହଜାର ମୋକଦ୍ଦମା ସ୍ପେସାଲ୍ କୋର୍ଟ ଠାରୁ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ବିଚାର ପାଇଁ ପଡ଼ି ରହିଛି । ଅଭିଯୁକ୍ତମାନେ ସ୍ୱର୍ଗାରୋହଣ କରୁଛନ୍ତି । ଆୟ ବର୍ହିଭୁତ ସମ୍ପତ୍ତି ସେମାନଙ୍କର ପିଲାମାନେ ଉପଭୋଗ କରୁଛନ୍ତି । କେତୋଟି ରାଜ୍ୟକୁ ଛାଡ଼ି ଦେଲେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆଇନରେ ସଂଶୋଧନ ହୋଇନାହିଁ । ତା'ଛଡ଼ା ସମ୍ପତ୍ତିର ମୂଲ୍ୟବୃଦ୍ଧିକୁ ମଧ୍ୟ ହିସାବରେ ନେବା କଥା । ଏ ସମ୍ବନ୍ଧରେ ଆଇନର ତର୍ଜମା ଦରକାର । ଦୁଃଖର ବିଷୟ ଏ ଦିଗରେ ରାଜନୈତିକ ନେତା ଓ ପ୍ରଭାବଶାଳୀ ଉଚ୍ଚାଧିକାରୀମାନେ ବିଶେଷ ଆଗ୍ରହୀ ହେଲାଭଳି ଲାଗୁନି । ନିକଟରେ ମହାମାନ୍ୟା ରାଷ୍ଟ୍ରପତି କହିଲେ - ଦୁର୍ନୀତି ପାଇଁ ଶୂନ୍ୟ ସହନଶୀଳତାର ଆବଶ୍ୟକତା ରହିଛି । ଯେଉଁଠି ଶତକଡ଼ା ଶହେ ଭାଗ ସହନଶୀଳତା ଅଛି - ତାକୁ 'ଶୂନ୍ୟ' କରିବା କ'ଣ ଏତେ ସହଜ ? ଯେଉଁଦେଶରେ ଲୋକସେବକମାନଙ୍କ ସଂଖ୍ୟା ପ୍ରାୟ ଦୁଇ କୋଟି, ବାର୍ଷିକ ମାତ୍ର ୫ ହଜାର ମୋକଦ୍ଦମା ରଜୁ କରି କ'ଣ ଆଶାନୁରୂପ ପ୍ରଭାବ ସୃଷ୍ଟି କରିହେବ ? ଦୁର୍ନୀତିର ବ୍ୟାପକତା ଦେଖିଲେ ପ୍ରତିଦିନ ୫ ହଜାର ମୋକଦ୍ଦମା କଲେ ବି ତାହା ଯଥେଷ୍ଟ ହେବନି । ଆମର ନେତୃବର୍ଗ ମଝିରେ ମଝିରେ ଘୋଷଣା କରନ୍ତି - 'ଦୁର୍ନୀତି ଏକ ବଡ଼ ସମସ୍ୟା, ଦେଶ ପାଇଁ ବଡ଼ ବିପଦ' । କିନ୍ତୁ ନିଷ୍ଠାର ଅଭାବ ଯୋଗୁଁ ଆଜି ପର୍ଯ୍ୟନ୍ତ ଜାତୀୟ ସ୍ତରରେ ସରକାରୀ ଉଦ୍ୟମରେ କୌଣସି କନ୍‌ଭେନସନ ବା ବଡ଼ ଆଲୋଚନା ଚକ୍ର କରାଯାଇନାହିଁ । କେବଳ ପରସ୍ପରକୁ ଦୁର୍ନୀତିଗ୍ରସ୍ତ କହି ଆରୋପ ଓ ପ୍ରତିଆରୋପ କରିବା ଛଡ଼ା ଅଧିକ କିଛି କରାଯାଇନାହିଁ । ଅଗ୍ରାଧିକାର ଦେବା ଦୂର କଥା । ଏହାର କାରଣ ହେଲା - ଦେଶକୁ ନିୟନ୍ତ୍ରଣ କରୁଥିବା ଗୋଷ୍ଠି ଦୁର୍ନୀତିର ବିଲୋପ ବା ନିୟନ୍ତ୍ରଣ ଚାହାନ୍ତିନି । ସ୍ୱିସ୍ ବ୍ୟାଙ୍କରୁ କଳାଧନ ଫେରିବାର ସେମାନଙ୍କର ଆଗ୍ରହ ନଥିବା କିଛି ବିଚିତ୍ର ନୁହେଁ । ଯେଉଁମାନେ ଦୁର୍ନୀତି ଦ୍ୱାରା ଉପକୃତ ସେମାନଙ୍କ ଠାରୁ ଅଧିକ ଆଶା କରିବା ବୃଥା । ଦେଶ ଓ ଦେଶବାସୀ ପଛେ ଚୁଲିକି ଯାଆନ୍ତୁ -

ସେମାନଙ୍କ ଯାଏ କେତେ ଆସେ କେତେ - ସେମାନଙ୍କ ଦଶ ପୁରୁଷ ପାଇଁ ସୁବ୍ୟବସ୍ଥା କରି ସେମାନେ ଆନନ୍ଦିତ ।

ଏହି ପରିସ୍ଥିତିରେ ଦେଶବାସୀ କ'ଣ ନୀରବ ରହିବେ ? ମିଶର ଓ ଅନ୍ୟାନ୍ୟ ମଧ୍ୟପ୍ରାଚ୍ୟ ରାଷ୍ଟ୍ରରେ ଯେଉଁ ଜନ ପ୍ରତିକ୍ରିୟା ଦୃଷ୍ଟ ହୋଇଛି ସେଥିରୁ କ'ଣ କିଛି ଆଭାସ ଆମର ନେତୃବର୍ଗ ପାଉନାହାନ୍ତି ? ଲୋକମାନେ ଧୈର୍ଯ୍ୟଚ୍ୟୁତ ହେଲେଣି - ଜନତାର ସାର୍ବଭୌମତ୍ୱ କାହିଁ ? ସରକାରୀ କାର୍ଯ୍ୟାଳୟକୁ ଗଲେ - ଠିକ୍ ବ୍ୟବହାର ନାହିଁ । ଲାଞ୍ଚ ନଦେଲେ କାର୍ଯ୍ୟ ହେଉନି । କିଛି ଅଧିକାରୀ ବ୍ୟତିକ୍ରମ ହୋଇପାରନ୍ତି । ସରକାରୀ କଳ ଉପରେ ଆସ୍ଥା କମି ଯାଉଛି । ବ୍ୟବସାୟ କରିବାରେ ବି ପ୍ରତିବନ୍ଧକ । ସାଧାରଣଲୋକ ସ୍ୱାଭିମାନସହ ବଞ୍ଚିବାକୁ ହେଲେ - ଦୁର୍ନୀତିକୁ ନିୟନ୍ତ୍ରଣ କରିବାକୁହେବ । ଲୋକଙ୍କୁ ଏକାଠି କରିପାରିଲେ - ତଳ ସ୍ତରରେ ଦୁର୍ନୀତିକୁ ନିୟନ୍ତ୍ରଣ କରି ହେବ । କେରଳ ଓ ପଶ୍ଚିମବଙ୍ଗରେ ଦୁର୍ନୀତିର ମାତ୍ରା କମ୍ । କାରଣ - ଜନମତ ଓ ଜନ ସଙ୍ଗଠନ । 'ଲାଞ୍ଚ ଦେବୁନି କିନ୍ତୁ ଆମର ପ୍ରାପ୍ୟ ପାଇବୁ' । ଯେ କୌଣସି କାର୍ଯ୍ୟାଳୟ ଆଗରେ ମିଳିତ ପ୍ରତିବାଦ ଓ ପ୍ରତିରୋଧ କଲେ କୌଣସି ସରକାରୀ ଅଧିକାରୀ ଲାଞ୍ଚ ନେବାକୁ ସାହସ କରିବନି । ଲୋକେ ସକ୍ରିୟ ହେଲେ - ଲୋକସେବକ ଡ଼ରିବେ । ଲୋକଶକ୍ତିକୁ କିଏ ନ ଡ଼ରେ ? ଦୁଃଖର ବିଷୟ - ଲୋକଶକ୍ତି ଠିକ୍ ସ୍ଥାନରେ ଓ ଠିକ୍ ସମୟରେ ସଦୁପଯୋଗ କରାଯାଏନି । ରାସ୍ତା ଦୁର୍ଘଟଣାରେ ଲୋକେ ଏକାଠି ହୋଇ ଆଇନକୁ ହାତକୁ ନିଅନ୍ତି - ହିଂସାକାଣ୍ଡ ଘଟାନ୍ତି । ପୋଲିସ ଉପରେ ଆକ୍ରମଣ କରନ୍ତି । ସେଇଟା କ'ଣ ଯଥାର୍ଥ ? ସେହି ଶକ୍ତି ଆଇନର ପରିସର ଭିତରେ ବ୍ୟବହୃତ ହେଲେ - ଦୁର୍ନୀତିଗ୍ରସ୍ତ ଲୋକସେବକ ଓ ରାଜନୈତିକ ବ୍ୟକ୍ତି ନିଶ୍ଚିତ ଡ଼ରିବେ ।

ଆନ୍ନା ହଜାରେ ଆଜି ଦେଶକୁ ଚେତାଇ ଦେଇଛନ୍ତି - ବର୍ତ୍ତମାନ ସମୟ ଆସିଗଲା, ଦୁର୍ନୀତିଜନିତ ସମସ୍ୟାର ସମାଧାନ ପାଇଁ ଜନସାଧାରଣ ଆଗେଇ ଆସନ୍ତୁ । ସରକାରୀବ୍ୟକ୍ତି ବା ରାଜନୈତିକ ନେତୃବର୍ଗ ସ୍ୱେଚ୍ଛାରେ ଏ ଦିଗରେ କିଛି କରିବା ଆଶା ନାହିଁ । ଜନତା ଓ ଜନମତର ଚାପରେ ଯାହା କିଛି ହେବ । ଆଇନରେ ପରିବର୍ତ୍ତନ ହେଉ । ତା' ପୂର୍ବରୁ ଜାତୀୟ ସ୍ତରରେ ଆଲୋଚନା ହେଉ । ଦୁର୍ନୀତିମୁକ୍ତ ପ୍ରଶାସକ ଲୋକମାନଙ୍କର ଏକ ମୌଳିକ ଅଧିକାର । ଯଦିଓ ସମ୍ବିଧାନରେ ଉଲ୍ଲେଖ ନାହିଁ, କିନ୍ତୁ ସେହି ଅଧିକାର ବିନା ସମ୍ବିଧାନ ଦତ୍ତ ମୌଳିକ ଅଧିକାର ଉପଭୋଗ କରିବା କ'ଣ ସମ୍ଭବ ?

***